# ଓଡ଼ିଶା ବିଧାନସଭା

(ଏକାଦଶ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ନଭେମ୍ବର ୨୦୨୨

----

[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ ଜଳ ସମ୍ପଦ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଭଦ୍ରକ ଜିଲ୍ଲାରେ ଅଧିକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ

*1 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର କେଉଁ ଚହସିଲ୍ ଅଧୀନରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି, କେତେଗୋଟି ନିର୍ମାଣାଧିନ ଅଛି ପ୍ରକାଶ କରି ଚିର ବନ୍ୟା, ବାତ୍ୟା ପ୍ରପୀଡିତ ଭଦ୍ରକ ଜିଲ୍ଲାରେ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

### ପୂର୍ଣ୍ଣାଙ୍ଗ ଜଳସେଚନ ପାଇଁ ପଦକ୍ଷେପ

*2 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଢେଙ୍କାନାଳ ଜିଲ୍ଲାର କେଉଁ ବ୍ଲକରେ କେତେ ଶତାଂଶ ଜମିକୁ ଜଳସେଚିତ କରାଯାଇପାରିନାହିଁ ଓ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

### ପ୍ରତ୍ୟେକ ଜିଲ୍ଲାରେ Mini Stadiumରେ Open Gym ସ୍ଥାପନ

*3 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ କ୍ରୀଡ଼ା ବିଭାଗ ତରଫରୁ Govt. Aided College ମାନଙ୍କରେ ଗୋଟିଏ ଗୋଟିଏ mini stadium ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ; ଏବଂ ଜିଲ୍ଲାରେ ପ୍ରତ୍ୟେକ mini stadiumରେ ଗୋଟିଏ ଗୋଟିଏ open Gym ପ୍ରତିଷ୍ଠା କରିବେ କି; ରଣପୁର ଓ ଶରଣକୁଳରେ open Gym କେବେ କରାଯିବ ଜଣାଇବେ କି ?

----

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ପର୍ଯ୍ୟଟନ ଭିତ୍ତିଭୂମୀ ଉନ୍ନୟନ

*4 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ କେଉଁ କେଉଁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଓ କେଉଁ ପ୍ରସ୍ତାବ କାର୍ଯ୍ୟକାରୀ ନିମନ୍ତେ ବିଚାରାଧିନ ଅଛି, ପ୍ରକାଶ କରି ଏହାର ତୁରନ୍ତ କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ Mobile Tower ନିର୍ମାଣ

*5 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ନୂଆଗାଁ ଓ ଗଣିଆ ବ୍ଲକର କେଉଁ କେଉଁ ପଞ୍ଚାୟତର କେଉଁ କେଉଁ ଗ୍ରାମରେ ନୂତନ Mobile Tower ପ୍ରତିଷ୍ଠା କରିବା ପାଇଁ କେଉଁ କେଉଁ ସରକାରୀ ବା ବେସରକାରୀ ସଂସ୍ଥାଦ୍ୱାରା ପ୍ରସ୍ତାବିତ ବା ସ୍ଥିରିକୃତ ହୋଇଅଛି ତତସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ସ୍ଥାନରେ Mobile Tower ପ୍ରତିଷ୍ଠା କରିବା ପାଇଁ ସ୍ୱତନ୍ତ୍ର ସର୍ଭେ ଓ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ପ୍ରସ୍ତାବିତ ସମସ୍ତ tower ପ୍ରତିଷ୍ଠା କାର୍ଯ୍ୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ଜଣାଇବେ କି ?

----

## ଦୁର୍ଗମ ଅଞ୍ଚଳକୁ ସରକାରୀ ବସ ସେବା

*6 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମସ୍ତ ଦୁର୍ଗମ ଅଞ୍ଚଳକୁ ସରକାରୀ ବସ ସେବା ଯୋଗାଇ ଦେବା ପାଇଁ ସରକାର ନେଇଥିବା ନିଷ୍ପତ୍ତିର ବର୍ତ୍ତମାନ ସ୍ଥିତି କଣ, ପର୍ଯ୍ୟଟନ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଭିତରକନିକା ପର୍ଯ୍ୟଟନସ୍ଥଳୀକୁ ଭୁବନେଶ୍ୱରରୁ ସରକାରୀ ବସ ସେବା କେବେଠାରୁ ଉପଲବ୍ଧ ହେବ?

----

## ଉପକୂଳରେ ବାତ୍ୟା ପ୍ରତିରୋଧ ବ୍ୟବସ୍ଥା

*7 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ଓଡିଶା ଉପକୂଳରେ କେତୋଟି ଛୋଟ, ମଧ୍ୟମ ଓ ବଡ ବାତ୍ୟା ଆସିଛି, ଏହାଦ୍ୱାରା ରାଜ୍ୟରେ କେତେ କ୍ଷୟକ୍ଷତି ଘଟିଛି, ଓଡିଶା ଉପକୂଳରେ ବାତ୍ୟା ପ୍ରତିରୋଧ ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ନୂତନ ଆଡିବନ୍ଧ ନିର୍ମାଣ

*8 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେସିଙ୍ଗା ବ୍ଲକର ତେଲ ନଦୀର ସୁକନାଭଟ୍ଟାରୁ ବିନେକେଲା ପର୍ଯ୍ୟନ୍ତ ଆଡିବନ୍ଧ 129 ତମ TAC 27.12.2019 ରେ ଅନୁମୋଦିତ ହୋଇଥିବା ସତ୍ତ୍ୱେ, କାର୍ଯ୍ୟ ବିଳମ୍ବର କାରଣ କଣ, ଚଳିତ ବର୍ଷ ଏହି କାର୍ଯ୍ୟ ସହିତ ବିନେକେଲା ଠାରୁ ଅମାଠ୍ ଓ ତୁର୍ଲାଖମନ୍ ପର୍ଯ୍ୟନ୍ତ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ କି ?

----

## ନିର୍ମାଣାଧିନ ଥିବା Mini Stadium ର କାର୍ଯ୍ୟ ପୂର୍ଣ୍ଣାଙ୍ଗ

*9 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଗ୍ରାମାଞ୍ଚଳ ମାନଙ୍କରେ କେଉଁ ଜିଲ୍ଲାରେ କେତେଗୋଟି Mini Stadium ନିର୍ମାଣ କରିଛନ୍ତି ତାହା ଜଣାଇବା ସହିତ ଏଥିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ଉଲ୍ଲେଖ କରିବେ କି ; ପ୍ରଦାନ କରାଯାଇଥିବା ଅର୍ଥ ଅତିକମ୍ ହୋଇଥିବାରୁ ଏହି ଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ନହୋଇପାରିବାରୁ ପିଲାମାନେ ବ୍ୟବହାର କରିପାରୁ ନାହାନ୍ତି ଏହି ଅଭିଯୋଗ ସତ୍ୟ କି ; ଯଦି ଉତ୍ତର ହଁ ହୁଏ ନିର୍ମାଣ ଶେଷ ହୋଇନଥିବା Mini Stadium ଗୁଡିକର ପୂର୍ଣ୍ଣାଙ୍ଗ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## କେନ୍ଦ୍ରୀୟ ଯୋଜନାରୁ ଆର୍ଥିକ ଅନୁଦାନ ହ୍ରାସ

*10 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାର ବିଗତ 5 ବର୍ଷରେ କେତୋଟି କେନ୍ଦ୍ରୀୟ ଯୋଜନା ବନ୍ଦ କରିଛନ୍ତି ଓ କେତୋଟି ଯୋଜନାରୁ ଆର୍ଥିକ ଅନୁଦାନ ହ୍ରାସ କରିଛନ୍ତି ; ବର୍ତ୍ତମାନ ଏହି ଯୋଜନାଗୁଡିକର ସ୍ଥିତି କଣ ; ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେତୋଟି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉଛି, ତନ୍ମଧ୍ୟରୁ ରାଜ୍ୟ ଓ କେନ୍ଦ୍ରର ଅଂଶଧନ କେତେ?

----

## ବକେୟା ଟିକସ ଆଦାୟ ପାଇଁ ପଦକ୍ଷେପ

*11 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ସୁଦ୍ଧା କେତେ ମଟର ଟିକସ ଅନାଦେୟ ବାକି ପଡ଼ିଛି; କେତେ ପରିମାଣର ଟିକସ 30 ବର୍ଷରୁ ଅଧିକ ସମୟ ହେଲା ବାକି ପଡ଼ିଛି; (ଖ) ବ୍ୟକ୍ତି ବିଶେଷଙ୍କ ଉପରେ କେତେ ଓ ସରକାରୀ ସଂସ୍ଥା ଉପରେ କେତେ ଟିକସ ବକେୟା ପଡ଼ିଛି ; ଏହି ବକେୟା ଟିକସ ଆଦାୟ ପାଇଁ ସରକାର କି; ପଦକ୍ଷେପ ନେଇଛନ୍ତି କେତେ ମାମଲା ରୁଜୁ ହୋଇଛି ?

----

## ରାଜ୍ୟରେ ଥିବା Revenue Sub- Division ଏବଂ R.I.

*12 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ମୋଟ କେତେ Revenue Sub- Division ଏବଂ R.I. Cercle ଅଛି ଏବଂ ରାଜ୍ୟ ସରକାର ମୋଟ କେତେ ଗୋଟି ନୂଆଁ Revenue Sub- Division ଏବଂ R.I.Circle ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ଏହାର ଜିଲ୍ଲାୱାରୀ ଗୋଟିଏ ତାଲିକା ଦେବେ କି, (ଖ) କଣ୍ଟାବାଞ୍ଜୀ ତହସିଲକୁ Revenue Sub-Division କରିବା ପାଇଁ ସକ୍ରିୟ ବିଚାର କରିବେ କି, ଏବଂ ତୁରେକେଲା ବ୍ଲକର - ( ଚାଉଲସୁଖା, ଝରଣୀ, ଧାମନଡଙ୍ଗା, ଖଗସା, ବଡବାଙ୍କା, ଢୋଲମାନ୍ଦଳ, ମହୁଲପାଟି) ଏବଂ ବଙ୍ଗୋମୁଣ୍ଡା ବ୍ଲକର – (ବିରିପାଲି, ଚାନ୍ଦୋତରା, ଜାମଖୁଣ୍ଟା, ଚୁଲିଫୁଙ୍କା, ଡେଢଗାଁ, ଅଲଣ୍ଡା, ଭୁଷଲାଡ, ବେଲପଡା, ଯୁରାବନ୍ଧ )ଏବଂ ମୁରିବାହାଲ ବ୍ଲକର - (ମାଲିଶିରା,ଶିରୋଲ,ଚଇକି, ପାତ୍ରାପାଲି) ଠାରେ ନୂଆଁ R.I. Circle ଖୋଲିବାକୁ ବ୍ୟବସ୍ଥା କରିବେ କି ?

----

## ବିନା ଅନୁମୋଦନରେ ଭୂତଳ ଜଳ ବ୍ୟବହାର

*13 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ କେଉଁ କେଉଁ ପ୍ରକାରର ଅନୁଷ୍ଠାନ/ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛନ୍ତି; ବ୍ୟବହୃତ ଜଳ ମଧ୍ୟରୁ କେତେ ପରିମାଣର ଜଳ ବିନା ଅନୁମୋଦନରେ ତଥା ବେଆଇନ ଭାବେ ବ୍ୟବହୃତ ହେଉଅଛି; କେତେ ପରିମାଣର ଭୂତଳ ଜଳ ବ୍ୟବହାର ନିମନ୍ତେ କେତେଗୋଟି ସଂସ୍ଥା / ଅନୁଷ୍ଠାନ ବ୍ୟକ୍ତିବିଶେଷଙ୍କୁ କେନ୍ଦ୍ରୀୟ ଜଳ କର୍ତ୍ତୃପକ୍ଷ ଅନୁମୋଦନ/ ସ୍ୱୀକୃତି ପ୍ରଦାନ କରିଛନ୍ତି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ବିନା ଅନୁମୋଦନରେ ଭୂତଳ ଜଳ ବ୍ୟବହାର ଯୋଗୁଁ ବାର୍ଷିକ କେତେ ରାଜସ୍ୱ କ୍ଷତି ହେଉଛି ତାର ଅନୁସନ୍ଧାନ କରାଯାଇଛି କି; ଯଦି ହୋଇଛି କେଉଁ ପ୍ରକ୍ରିୟାରେ କାହା ଦ୍ୱାରା କେବେଠାରୁ ହୋଇଛି ଓ ଅନୁସନ୍ଧାନରୁ କ'ଣ ନିର୍ଯ୍ୟାସ ମିଳିଛି ତାହା ପ୍ରକାଶ କରିବେ କି ?

----

## କ୍ରୀଡାର ଭିତ୍ତିଭୂମି ଉନ୍ନୟନ

***14** **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ନିର୍ବାଚନ ମଣ୍ଡଳୀରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଭିନ୍ନ ପ୍ରକଳ୍ପ ପାଇଁ ଅନୁମୋଦନ ହୋଇଥିବା ପାଣ୍ଠିର ଖର୍ଚ୍ଚ

***15** **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2019-20 ଠାରୁ 2022-23 (31.10.2022 ପର୍ଯ୍ୟନ୍ତ) ପଶ୍ଚିମ ଓଡିଶା ବିକାଶ ପରିଷଦ ଅଞ୍ଚଳର ବିଧାନସଭା ନିର୍ବାଚନ ମଣ୍ଡଳୀମାନଙ୍କୁ ଉନ୍ନୟନମୂଳକ କାମ ପାଇଁ କେଉଁ କେଉଁ Scheme ରେ ସରକାର କେତୋଟି ପ୍ରକଳ୍ପ ପାଇଁ କେତେ ପାଣ୍ଠି ଯୋଗାଇଛନ୍ତି, 31.10.2022 ସୁଦ୍ଧା କେତେ ପାଣ୍ଠି ଖର୍ଚ୍ଚ ହୋଇଛି ଓ ଅବଶିଷ୍ଟ କେତେ ପାଣ୍ଠି ଖର୍ଚ୍ଚ ନ ହୋଇ ପଡି ରହିଛି, ବର୍ଷୱାରୀ/ନିର୍ବାଚନ ମଣ୍ଡଳୀୱାରୀ ତଥ୍ୟ ସହ scheme ୱାରୀ କେତେ ପରିମାଣ utilization certificate ମିଳିଛି ତାର ବିବରଣୀ ଦେବେ କି, (ଖ) ଉପରୋକ୍ତ ଆର୍ଥିକ ବର୍ଷରେ scheme wise କେତୋଟି ପ୍ରକଳ୍ପ ପାଇଁ ଯୋଜନା କରାଯାଇଥିଲା ବେଳେ କେତୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ, କେତୋଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଓ କେତୋଟି ପ୍ରକଳ୍ପ ଆଦୌ ଆରମ୍ଭ ହୋଇ ପାରି ନାହିଁ, ବର୍ଷୱାରୀ ଓ ନିର୍ବାଚନ ମଣ୍ଡଳୀୱାରୀ ତଥ୍ୟ ଦେବେ କି ?

----

## ବିଭିନ୍ନ ରୁଟରେ ଚାଲୁଥିବା ବିଜୁ ଗାଁ ଗାଡି

***16** **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତୋଟି ବିଜୁ ଗାଁ ଗାଡି କେଉଁ କେଉଁ ରୁଟରେ ଚାଲୁଅଛି ଓ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସରକାର କେତୋଟି ବିଜୁ ଗାଁ ଗାଡି ଚାଲୁ କରିଥିଲେ କହିବେ କି, ସେହିପରି OSRTC ଅଧିନରେ କେତେ ବସ୍ ଚାଲୁଛି କେତେ ଷ୍ଟାଫ୍ ଅଛନ୍ତି, କେତୋଟି ବସ୍ ଷ୍ଟାଣ୍ଡ OSRTC ଅଧିନରେ ଅଛି ଓ ବାର୍ଷିକ କେତେ ଲାଭ ବା କ୍ଷତି ହେଉଛି ତାର ଏକ ବିସ୍ତୃତ ବିବରଣୀ ଦେବା ସହ ନିକଟ ଭବିଷ୍ୟତରେ ଆଉ କେତେ ନୁଆ ବସ୍ ନୁଆ କେଉଁ କେଉଁ ରୁଟରେ ଚାଲିବା ପାଇଁ ସରକାର କିଣିବେ କି ?

----

## ବାତ୍ୟାବେଳେ ସ୍ଥାନାନ୍ତର ହୋଇଥିବା ଲୋକସଂଖ୍ୟା

***17** **ଶ୍ରୀ ସୁର୍ଯ୍ୟବଂଶୀ ସୁରଜ (ଧାମନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାରଙ୍କ କେଉଁ କେଉଁ ବିଭାଗ ଦ୍ୱାରା କେଉଁ ବର୍ଷରୁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଯୋଗୁଁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ତଥା ବିଭିନ୍ନ ବାତ୍ୟାର ସଫଳ ମୁକାବିଲା କରାଯାଇଥିଲା ଏବଂ କେଉଁ କେଉଁ ପଦକ୍ଷେପ ଯୋଗୁଁ ବାତ୍ୟା କ୍ଷୟକ୍ଷତି କମ କରିବାରେ ରାଜ୍ୟ ସରକାର ସଫଳ ହୋଇଥିଲେ ସେ ସଂପର୍କୀତ ସବିଶେଷ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବେକି,(ଖ) କେଉଁ କେଉଁ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା କେତେ ସଂଖ୍ୟକ ଲୋକଙ୍କୁ କେଉଁ ତରିକାରେ ପ୍ରଶାସନ ସ୍ଥାନାନ୍ତର କରିଥିଲେ କେତେ ସଂଖ୍ୟକ ନିଜ ବ୍ୟବସ୍ଥାରେ ସ୍ଥାନାନ୍ତରିତ ହୋଇଥିଲେ ତାର ଅଂଚଳୱାରୀ ବିବରଣୀ ପ୍ରଦାନ କରିବେକି?

----

## ବିଭିନ୍ନ ଜିଲ୍ଲାରେ ହୋଇଥିବା ଜଳସେଚନ

*18 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୩୦ ଜିଲ୍ଲାରେ ଗତ ଦଶ ବର୍ଷରେ କେଉଁ କେଉଁ ଜିଲ୍ଲାରେ କେତେ ଜଳସେଚନ ହୋଇଛି, ତାହାର ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ଚୌଦ୍ୱାର ଠାରେ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ

*19 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାରଠାରେ ଏକ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ R.I. ଅଫିସ୍ ଖୋଲିବା ପାଇଁ ପ୍ରସ୍ତାବ

*20 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୋଳ ଜିଲ୍ଲାର ପାଲଲହଡା ଏବଂ କଣିହାଁ ତହସିଲ ଅଞ୍ଚଳରେ ବର୍ତ୍ତମାନ କେତୋଟି R.I. ଅଫିସ୍ ରହିଛି, ବର୍ତ୍ତମାନ ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଏହି ଦୁଇଟି ବ୍ଲକରେ କେତୋଟି ନୂତନ R.I. ଅଫିସ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି ଏବଂ କେବେସୁଦ୍ଧା କାର୍ଯ୍ୟକାରୀ ହେବ କହିବେ କି ?

----

## ନୂଆ ଜଳନୀତି ଘୋଷଣା

*21 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ମୁଣ୍ଡପିଛା ଜଳ ଉପଲବ୍ଧ ପରିମାଣ ୩୩୫୭ ଘନ ମିଟର ଥିବା ବେଳେ 2050 ମସିହା ବେଳକୁ ତାହା 2218 ଘନ ମିଟରକୁ ହ୍ରାସ ପାଇବ ବୋଲି ଖୋଦ୍ ସରକାର ଆଶଙ୍କା ବ୍ୟକ୍ତ କରି ଦୀର୍ଘ 15 ବର୍ଷ ପରେ 10 ବର୍ଷିଆ ନୂଆ ଜଳ ନୀତି ଆଣିବାକୁ ଘୋଷଣା କରିଛନ୍ତି, 2050 ବେଳକୁ ରାଜ୍ୟବାସୀଙ୍କ ପାଇଁ ଆବଶ୍ୟକ ବ୍ୟବହାର ଯୋଗ୍ୟ ଜଳ ସମେତ ଜଳସେଚନ, ଶିଳ୍ପ ଇତ୍ୟାଦି ସକାଶେ ଜଳ ଚାହିଦା କେତେ ହେବ ଓ ସେଥିପାଇଁ ଅତିରିକ୍ତ ଜଳ ସଂରକ୍ଷଣ ବାବଦରେ ବ୍ୟୟ ଅଟକଳ କେତେ ସବିଶେଷ ତଥ୍ୟ ଦେବେ କି, ଦ୍ୱିପାକ୍ଷିକ ସମସ୍ୟାର ସମାଧାନ ଲକ୍ଷ୍ୟରେ ଠିକ୍ ବର୍ଷେ ତଳେ ଆମ ମୁଖ୍ୟମନ୍ତ୍ରୀ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏଠାରେ ବୈଠକ ଅନୁଷ୍ଠିତ ହୋଇଥିଲା, ଏହାର ଦୁଇମାସ ପରେ ଉଭୟ ରାଜ୍ୟ ମଧ୍ୟରେ ସଚିବ ସ୍ତରୀୟ ଆଲୋଚନା ମଧ୍ୟ ହୋଇଥିଲା, ଉଭୟ ବୈଠକରେ କେଉଁ କେଉଁ ବିବାଦୀୟ ପ୍ରସଙ୍ଗରେ ଆଲୋଚନା ହୋଇ ସହମତି ପ୍ରକାଶ ପାଇଥିଲା ଏବଂ ନିଷ୍ପତ୍ତି ଅନୁଯାୟୀ କେଉଁ କେଉଁ ସମସ୍ୟାର ସମାଧାନ ହୋଇଛି ସବିଶେଷ ଜଣାଇବେ କି ?

----

## ବାଲିଘାଟ ଦ୍ୱାରା ରାଜସ୍ୱ ଆୟ

*22 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁ ତହସିଲ ଅଧୀନରେ କେଉଁ ବାଲିଘାଟରୁ କେତେ ବାଲି ଉତ୍ତୋଳନ ହୋଇଛି ଓ କେତେ ରାଜସ୍ୱ ଆଦାୟ ହୋଇଛି, କେଉଁ କେଉଁ ସ୍ଥାନରେ ଚୋରା ଭାବେ ବାଲି ଉତ୍ତୋଳନ ହୋଇଛି, ଫାଇନ ବାବଦରେ କେଉଁଠାରୁ କେତେ ରାଜସ୍ୱ ଆସିଛି, କେତୋଟି ଗାଡି ଉପରେ ଫାଇନ୍ ହୋଇଛି ଏବଂ କେତୋଟି ଗାଡି ସିଜ୍ ହୋଇ ରହିଛି, ବାଲି ଚୋରା ଚାଲାଣ ଉପରେ କ'ଣ ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି ବିଶଦ ଭାବେ ବିବରଣୀ ରଖିବେ କି ?

----

## ଲୁଣାବନ୍ଧ ନିର୍ମାଣ ପାଇଁ ଅର୍ଥ ବିନିଯୋଗ

*23 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାତ୍ୟା, ସୁନାମି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ ପାଇଁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳଗୁଡିକରେ "ପ୍ରତିରୋଧକ ଲୁଣାବନ୍ଧ" ନିର୍ମାଣ ପାଇଁ କେତେ ଅର୍ଥ ବିନିଯୋଗ ହେବା ପାଇଁ ବ୍ୟବସ୍ଥା ଅଛି, କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ତାର ବିସ୍ତୃତ ବିବରଣୀ ଦେବେ କି ?

----

## ବସ୍ ରହଣି ପାଇଁ ଜମି ଯୋଗାଣ

*24 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- R. Udaygiri Bus Stoppage ନିର୍ମାଣ ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବା ସ୍ଥଳେ ଚିହ୍ନଟ ଜମିରେ ରାଜ୍ୟ ରାଜସ୍ୱ ବିଭାଗର ଦୁଇଟି ଗୃହ ଥିବା ଯୋଗୁଁ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନଥିବା ସତ୍ୟ ଅଟେ କି, ଉତ୍ତର 'ହଁ' ହେଲେ ଉପରୋକ୍ତ ଗୃହ ଗୁଡିକୁ ଉଚ୍ଛେଦ ପାଇଁ ଏଯାବତ୍ କି କି ପଦକ୍ଷେପମାନ ଗ୍ରହଣ କରାଯାଇଛି ସେ ସମ୍ପର୍କୀତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଉପରୋକ୍ତ ବସ୍ ରହିବା ସ୍ଥଳି ପାଇଁ ରାଜ୍ୟ ରାଜସ୍ୱ ବିଭାଗ କେତେଦିନ ମଧ୍ୟରେ ଜମି ପ୍ରଦାନ କରିବେ ସେ ସମ୍ପର୍କୀତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ଭଦ୍ରକ ଷ୍ଟାଡ଼ିୟମକୁ ଆଧୁନିକୀକରଣ

*25 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଷ୍ଟାଡ଼ିୟମକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଘରଡିହ ହୀନ ପରିବାରଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

*26 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଢେଙ୍କାନାଳ ଜିଲ୍ଲାରେ କେଉଁ ତହସିଲ ଅଧିନରେ କେତେ ଘରଡିହହୀନ ପରିବାର ଘରଡିହ ପଟ୍ଟା ପାଇଁ ଆବେଦନ କରିଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି ଓ ଅବଶିଷ୍ଟଙ୍କୁ କେବେସୁଦ୍ଧା ଘରଡିହ ପଟ୍ଟା ପ୍ରଦାନ କରାଯିବ ପ୍ରକାଶ କରିବେ କି ?

----

## Under Ground pipe line ଦ୍ୱାରା ଜମିକୁ ଜଳସେଚିତ କରିବା

*27 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ପଞ୍ଚାୟତର କଟରାଝରୀ MIPରେ କେନାଲ ନ ଥିବାରୁ MIPର Ayacut Areaରେ ଥିବା ଚିନାମାଳି ଗହୀର ଓ ଲୁଣିମାଳ ଗହୀରରେ ଥିବା ଜମି ଗୁଡ଼ିକ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳସେଚିତ ହୋଇପାରୁ ନାହିଁ, ଏଣୁ ଆବଶ୍ୟକ ଅର୍ଥ ମଞ୍ଜୁର କରି Under Ground pipe line ଜରିଆରେ ସମ୍ପୃକ୍ତ ଅଞ୍ଚଳର ଜମିକୁ ଜଳସେଚିତ କରିବା ପାଇଁ ନିର୍ଦ୍ଦେଶ ଦେଇ ଚାଷୀ ମାନଙ୍କର ବହୁ ଦିନର ଦାବୀକୁ ପୂରଣ କରିବେ କି; ଯାହା ଫଳରେ ୪୨୦ ହେକ୍ଟର ଜମିକୁ ଜଳସେଚିତ କରାଯାଇ ପାରିବ ।

----

## ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

***28** **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ଜିଲ୍ଲାର କେଉଁ ତହସିଲର କେଉଁ କେଉଁ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରସ୍ତାବ ସରକାରଙ୍କ ବିଚାରାଧିନ ଅଛି, ଏହି ପ୍ରକ୍ରିୟା ତ୍ୱରାନ୍ୱିତ କରି ଉପରୋକ୍ତ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବୃତଙ୍ଗ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟର ପରିବେଶ ମଞ୍ଜୁରୀ

***29** **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକଠାରେ ବହୁ ପ୍ରତିକ୍ଷିତ ବୃତଙ୍ଗ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ Stage-1, Stage-2 ଜଙ୍ଗଲ ଓ ପରିବେଶ ମଞ୍ଜୁରୀର ବର୍ତ୍ତମାନ ସ୍ଥିତି କଣ, ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) Compensatory Afforestation ପାଇଁ କେତେ ଜମି ଓ କେତେ ସଂଖ୍ୟକ ବୃକ୍ଷରୋପଣ କରିବାର ଆବଶ୍ୟକତା ଅଛି ଏବଂ ଏ ଦିଗରେ ନୟାଗଡ ଜିଲ୍ଲାର କେଉଁ କେଉଁ Forest range ଏବଂ Tahasil ରେ କେତେ ପରିମାଣର ଜଙ୍ଗଲ ଜମି ଚିହ୍ନଟ କରାଯାଇଛି ଓ ସେଥିରେ କେତେ ପରିମାଣର plantation କରାଯାଇପାରିବ ଅବଶିଷ୍ଟ କେତେ ପରିମାଣର ଜଙ୍ଗଲ ଜମିକୁ କେଉଁ କେଉଁ ଜିଲ୍ଲାରେ ଚିହ୍ନଟ କରାଯାଇଅଛି ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଲୁଣା ଘେରି ବନ୍ଧ ନିର୍ମାଣ ପାଇଁ ପଦକ୍ଷେପ

***30** **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବାତ୍ୟା ଓ ସାମୁଦ୍ରିକ ଜୁଆରରୁ ରକ୍ଷା କରିବା ପାଇଁ ସମୁଦ୍ର ଉପକୂଳ ଅଂଚଳରେ ଲୁଣା ଘେରି ବନ୍ଧ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧାଠାରୁ ନଳିତାପାଟିଆ ଓ ଗୁମୁରାଠାରୁ ଭିତରକନିକା ପର୍ଯ୍ୟନ୍ତ ଲୁଣା ଘେରି ବନ୍ଧର ନିର୍ମାଣ ଓ ସୁଦୃଢିକରଣ କାର୍ଯ୍ୟ କେଉଁ ପର୍ଯ୍ୟାୟରେ ଅଛି ଏହା କେବେସୁଦ୍ଧା ଶେଷହୋଇ ସଂପୃକ୍ତ ଅଂଚଳବାସୀଙ୍କୁ ସୁରକ୍ଷା ପ୍ରଦାନ କରିପାରିବେ?

----